# ଶ୍ରୀମନ୍ଦିର ସମାଚାର

# SHREE JAGANNATH TEMPLE BULLETIN

ଅପ୍ରେଲ - ୨୦୨୪ APRIL-2024


## ଶ୍ରୀମନ୍ଦିରରେ ଶ୍ରୀରାମାଭିଷେକ

ଅବତାରୀ ଶ୍ରୀଜଗନ୍ନାଥଙ୍କ ବିବିଧ ଅବତାରଗୁଡ଼ିକ ମଧ୍ୟରେ ଶ୍ରୀରାମ ପୂର୍ଣ୍ଣାବତାର ଅଟନ୍ତି । ଏହି ଅବତାରରେ ପରଂବ୍ରହ୍ମ ପରମାତ୍ମା ଲୀଳା ବିଗ୍ରହ ଧାରଣ ପୂର୍ବକ ଲୋକଶିକ୍ଷା, ରାବଣବଧ ସହ ସାଧୁମାନଙ୍କର ପରିତ୍ରାଣ ତଥା ପାପାଚାରୀମାନଙ୍କର ବିନାଶ କରି ଧର୍ମକୁ ସଂସ୍ଥାପନ କରିଥାଆନ୍ତି । ଏହି ପରିପ୍ରେକ୍ଷୀରେ ମର୍ଯ୍ୟାଦା ରକ୍ଷା, ସତ୍ୟପରାୟଣତା, ସେବକ ବତ୍ସଳତା, ଭ୍ରାତୃପ୍ରେମ ଆଦି ଲୋକଶିକ୍ଷାର ପ୍ରଦର୍ଶନ ଲକ୍ଷ୍ୟ କରାଯାଏ ।



ଶ୍ରୀମଭାଗବତରେ କୁହାଯାଇଛି ଯେ କେବଳ ମାତ୍ର ରାକ୍ଷସବଧ ନିମିତ୍ତ ନୁହେଁ ବରଂ ଲୋକଶିକ୍ଷା ନିମିତ୍ତ ପରଂବ୍ରହ୍ମଙ୍କ ମର୍ତ୍ତ୍ୟଲୀଳା ଓ ଅବତାର ଧାରଣ ଉଦ୍ଦିଷ୍ଟ, ମନୁଷ୍ୟ ରୂପରେ ଅବତୀର୍ଣ୍ଣ ହେଲେ ମଧ୍ୟ ତାଙ୍କ ପ୍ରାକଟ୍ୟ ଦିବ୍ୟ ଓ ବିଚିତ୍ର ।

ଶ୍ରୀରାମ, ଦଶାନନର ବଧ ପୂର୍ବକ ସୁରକାର୍ଯ୍ୟ ସମ୍ପୂର୍ଣ୍ଣ କରି ଚଉଦ ବର୍ଷ ବନବାସ ଅବଧିର ସମାପ୍ତି ପରେ ଅଙ୍ଗଦାଦି ପ୍ରଧାନ ନାୟକଙ୍କ ସହ ଶ୍ରୀଲଙ୍କାରୁ ପୁଷ୍ପକ ବିମାନରେ ପ୍ରତ୍ୟାବର୍ତ୍ତନ କରି କୋଶଳର ଚକ୍ରବର୍ତ୍ତୀ ସିଂହାସନରେ ବୈଦେହୀଙ୍କ ସହ ବିରାଜମାନ ହୋଇଥିଲେ । ଶ୍ରୀରାମ ମର୍ଯ୍ୟାଦା ପୁରୁଷୋତ୍ତମ ଅଟନ୍ତି । ତାଙ୍କ ଚରିତ-ଦର୍ପଣରେ ସନାତନ ସଂସ୍କୃତିର ସ୍ୱରୂପ ପୂର୍ଣ୍ଣତଃ ପ୍ରତିବିମ୍ବିତ ହୋଇଛି ।

ଶ୍ରୀମନ୍ଦିରରେ ଶ୍ରୀରାମ ଲୀଳା ଅନ୍ତର୍ଗତ ବିଭିନ୍ନ ପ୍ରସ୍ତାବ ବିଭିନ୍ନ ତିଥିରେ ଅନୁଷ୍ଠିତ ହୋଇଥାଏ । ତଦନୁସାରେ ଚୈତ୍ର ଶୁକ୍ଳ ନବମୀରେ- ଶ୍ରୀରାମଜନ୍ମ, ଦଶମୀରେ-ଯଜ୍ଞରକ୍ଷା, ଏକାଦଶୀରେ-ସୀତା ବିବାହ, ଦ୍ୱାଦଶୀରେ-ବନବାସ, ଚତୁର୍ଦ୍ଦଶୀରେ-ମାୟାମୃଗ ପ୍ରସ୍ତାବ, ଚୈତ୍ର ପୂର୍ଣ୍ଣିମାରେ- ଲଙ୍କା ପୋଡ଼ି, ବୈଶାଖ କୃଷ୍ଣ ପ୍ରତିପଦାରେ- ସେତୁବନ୍ଧ, ଦ୍ୱିତୀୟାରେ- ରାବଣ ବଧ ଏବଂ ଶେଷରେ- ଅଭିଷେକ ଅନୁଷ୍ଠିତ ହୁଏ । ଯେଉଁ ଦିନ ପୁଷ୍ୟା କର୍କଟ ନକ୍ଷତ୍ର ଥାଇ ମହାପ୍ରଭୁଙ୍କ ତାରାଶୁଦ୍ଧି ଥାଏ, ସେହି ଦିନ ଶ୍ରୀରାମଙ୍କର ଅଭିଷେକ ନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ । ସନ୍ଧ୍ୟା ଆଳତି ଏବଂ ଦକ୍ଷିଣି ଘର ଭୋଗ ସରିବା ଉତ୍ତାରୁ ଶ୍ରୀରାମ, ଲକ୍ଷ୍ମଣ, ଦେବୀ ସୀତା ଏବଂ ଶ୍ରୀହନୁମାନଙ୍କ ଚଳନ୍ତି ପ୍ରତିମାମାନଙ୍କୁ ରତ୍ନସିଂହାସନ ଉପରକୁ ବିଜେ କରାଯାଇ ସେମାନଙ୍କୁ ଆଜ୍ଞାମାଳ ପ୍ରଦାନ କରାଯିବା ପରେ ସେମାନଙ୍କୁ କଳ୍ପବୃକ୍ଷ ସନ୍ନିକଟ ବିମାନରେ ଅଧିଷ୍ଠିତ କରାଯାଏ । ବିମାନବଡୁ ସେବକମାନେ କୌଣସି ବାଦ୍ୟବାଦନ ନଥାଇ ନିଃଶବ୍ଦରେ ସେହି ବିମାନକୁ ନନ୍ଦିଗ୍ରାମ ନାମରେ ଅଭିହିତ ଜଗନ୍ନାଥବଲ୍ଲଭ ମଠ ପରିସରକୁ ନେଇଥାଆନ୍ତି । ଏହିଦିନ ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ଗୌଡ଼ବାଡ଼ ସାହି ଆଖଡ଼ା ତରଫରୁ ନିୟୋଜିତ ଭରତ ଓ ଶତ୍ରୁଘ୍ନ ବେଶଧାରୀ ଦୁଇ ଯୁବକ ଆସିଥାଆନ୍ତି । ସେମାନଙ୍କୁ ଶ୍ରୀମନ୍ଦିର ଭଣ୍ଡାରରୁ ପାଦୁକା ପ୍ରଦାନ କରାଯିବା ପରେ ଘଣ୍ଟ, ଛତ୍ର, କାହାଳୀସହ ଅଭିଷେକ ପ୍ରସ୍ତାବ ନିମିତ୍ତ ସେମାନେ ଜଗନ୍ନାଥ ବଲ୍ଲଭ ମଠକୁ ଯାତ୍ରା କରିଥାଆନ୍ତି । ଅଭିଷେକ ପ୍ରସ୍ତାବ ଗୌଡ଼ବାଡ଼ ସାହି ଆଖଡ଼ା ଦ୍ୱାରା ପ୍ରସ୍ତୁତ ହୋଇଥାଏ । ସେଠାରେ ନୀତି ବଢ଼ିଲେ ପ୍ରତିମାମାନଙ୍କର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୋଇଥାଏ ।

ଅତୀତରେ ଶ୍ରୀରାମଙ୍କ ଅଭିଷେକ ଉତ୍ସବ ଉପଲକ୍ଷ୍ୟେ ବର୍ଣ୍ଣାଢ଼୍ୟ ରାଜକୀୟ 'ରଘୁନାଥ ବେଶ' ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିଲା । ଅନ୍ତିମବାର ଏହି ବେଶ ୧୯୦୫ ମସିହା ଅପ୍ରେଲ ମାସରେ ଆୟୋଜିତ ହୋଇଥିଲା । ତାପରେ ଆଉ ଏହି ବେଶ ହୋଇନାହିଁ ।


ଏହି ବେଶଟି ଅବିକଳ ରାଜା ଶ୍ରୀରାମଚନ୍ଦ୍ରଙ୍କ ଦରବାର ଭଳି ୩୨ଟି ମୂର୍ତ୍ତି ସହ ବହୁ ସ୍ୱର୍ଣ୍ଣ ରତ୍ନାଳଙ୍କାରରେ ମହାଆଡ଼ମ୍ବରରେ ସଜ୍ଜିତ କରାଯାଉଥିବାରୁ ଏହାର ଆୟୋଜନ କଷ୍ଟସାଧ ହୋଇଥାଏ ।


*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ*

*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*

*ମିଶ୍ର ଲେନ୍- ମାର୍କଣ୍ଡେଶ୍ୱର ସାହି, ପୁରୀ*


## ନୂତନ ମୁଖ୍ୟ ପ୍ରଶାସକଙ୍କ ଦାୟିତ୍ୱ ଗ୍ରହଣ



ଶ୍ରୀମନ୍ଦିର ନୂତନ ମୁଖ୍ୟ ପ୍ରଶାସକ ଭାବେ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ, ବରିଷ୍ଠ ଆଇ.ଏ.ଏସ୍, ତା. ୧୦.୪.୨୦୨୪ ରିଖ ବୁଧବାର ପୂର୍ବାହ୍ନରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟଠାରେ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିଅଛନ୍ତି । ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟବୃନ୍ଦ, ପ୍ରଶାସନର ଅଧିକାରୀବୃନ୍ଦ ଏବଂ କର୍ମଚାରୀମାନେ ମୁଖ୍ୟ ପ୍ରଶାସକଙ୍କୁ ସ୍ୱାଗତ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀଯୁକ୍ତ ଯାଦବ ଦ୍ୱିତୀୟଥର ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଅବସ୍ଥାପିତ ହୋଇଅଛନ୍ତି ।

# ଶ୍ରୀମନ୍ଦିର ନୀତି ପରିକ୍ରମା

### ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ :

ତା ୧୪.୪.୨୪ ରିଖ ରବିବାର ମହାବିଷୁବ ସଂକ୍ରାନ୍ତି ନିମନ୍ତେ ଦୈନନ୍ଦିନ ନୀତି ପ୍ରକାରେ ମଙ୍ଗଳ ଆଳତି, ଅବକାଶ ନୀତି ବଢ଼ି ସକାଳ ଧୂପ ସରିବା ପରେ ଦକ୍ଷିଣ ଘରୁ ଶ୍ରୀହନୁମାନ ସିଂହାସନକୁ ବିଜେ ହୋଇ ସକାଳ ଧୂପ ବେଶରେ ଲାଗି ହୋଇଥିବା ଆଜ୍ଞାମାଳ ପ୍ରାପ୍ତହୋଇ ବିମାନକୁ ବିଜେ କରିଥିଲେ ।



ଏହାପରେ ପୂଜାପଣ୍ଡା ହାତରେ ଆଣିଥିବା ଆଜ୍ଞାମାଳ ଘରି ଦ୍ୱାରରେ ବିରାଜମାନ କରିଥିବା ମହାବୀର ଏବଂ ବାରଭାଇ ହନୁମାନଙ୍କୁ ଦେଇ ଫେରିବା ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ଶ୍ରୀହନୁମାନ ବିଜେ କରିଥିଲେ । ସେଠାରେ ଥିବା ମହାବୀରଙ୍କୁ 'ଆଜ୍ଞାମାଳ' ଦିଆଯିବା ପରେ ଦରିଆ ମହାବୀରଙ୍କ ନିକଟକୁ 'ଆଜ୍ଞାମାଳ' ଯାଇଥିଲା । ସେଠାରୁ ଶ୍ରୀହନୁମାନ ଫେରିବାରେ ମଠରେ ଭୋଗ, ବନ୍ଦାପନା ବଢ଼ି ବାହୁଡ଼ା ବିଜେ ହୋଇଥିଲା । ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିଲା ପରେ ମହାସ୍ନାନ ହୋଇ ନୂଆଲୁଗା ଲାଗି ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଚନ୍ଦନ ଆଣି ସର୍ବାଙ୍ଗ ଲାଗି କରିବାରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡ଼ି ଭୋଗ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ମଧ୍ୟାହ୍ନ ଧୂପ ପୂଜା ବସି ଟେରା ପଡ଼ିବାରେ ଜଣେ ପୂଜାପଣ୍ଡା, ପତ୍ରିବଡୁ, ଗରାବଡୁ ଓ ରୋଷ ପାଇକ ବଳିଅନ୍ନକୁ ଆଣି ମନ୍ଦିର ଘରିପାର୍ଶ୍ୱରେ ଦିଗବଳୀ ଦେଲା ପରେ ଭିତରକୁ ଯାଇ ଭୋଗ ସମାପନ କରିଥିଲେ ଏବଂ ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବନ୍ଦାପନା କରିଥିଲେ ।

### ଶ୍ରୀମନ୍ଦିରରେ ଜେଉଡ଼ ଭୋଗ ଓ ଅଶୋକାଷ୍ଟମୀ :

ତା ୧୬.୪.୨୪ ରିଖ ମଙ୍ଗଳବାର ଅଶୋକାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ସକାଳଧୂପ ସରିଲା ପରେ ଭଣ୍ଡାରରୁ ଶ୍ରୀଲୋକନାଥ ଦେବଙ୍କୁ ମହାଜନମାନେ ଝୁଲଣ ମଣ୍ଡପ ସମୀପରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ । ସେଠାରୁ ପାଲିଙ୍କି ଉତ୍ତର ଦ୍ୱାରସ୍ଥ ଶ୍ରୀଈଶାନେଶ୍ୱର ମନ୍ଦିର ନିକଟରେ ବିଜେ ହୋଇଥିଲେ । ପୂର୍ବରୁ ପାଳିଆ ଖୁଣ୍ଟିଆ ଧରିଥିବା ଅମୁଣିଆ ମାଳକୁ ଭିତରଚ୍ଛ ମହାପାତ୍ର ଶ୍ରୀଈଶାନେଶ୍ୱରଙ୍କୁ ଲାଗି କଲା ପରେ ଉକ୍ତ ମାଳକୁ ଆଣି ଲୋକନାଥଙ୍କୁ ପ୍ରଦାନ କରିଥିଲେ । ଏହାପରେ ବିମାନବଡୁମାନେ ପାଲିଙ୍କିକୁ ସିଂହଦ୍ୱାର ଦେଇ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେ କରାଇଥିଲେ । ସେଠାରେ 'ଅଶୋକା' ମଣୋହି ହୋଇ ବନ୍ଦାପନା ବଢ଼ି ସେଠାରୁ ବାହୁଡ଼ା ବିଜେ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ଦିନ ଶ୍ରୀରାମ ଜନ୍ମର ପୂର୍ବଦିନ ହେତୁ ସଂଧ୍ୟାଧୂପ ସରିଲାପରେ ପାଣିପଡ଼ି 'ଜେଉଡ଼ ଭୋଗ' ଡାକିଯାଇଥିଲା । ଛେକ ଆସିଲା ପରେ ୩ଜଣ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ପଞ୍ଚୋପଚାରରେ ମଣୋହି ହୋଇଥିଲା । ଭୋଗ ବାହାରି ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ତିନି ବାଢ଼ରେ ବନ୍ଦାପନା ହୋଇଥିଲା । ଗର୍ଭଉଦକ ନିମନ୍ତେ ମହାପ୍ରଭୁଙ୍କ ବାଢ଼ରେ ଅଧିକ ଏକ ବନ୍ଦାପନା ହୋଇଥିଲା ।

### ଶ୍ରୀମନ୍ଦିରରେ ଶ୍ରୀରାମନବମୀ :

ତା ୧୭.୪.୨୪ ରିଖ ବୁଧବାର ଶ୍ରୀରାମନବମୀ ତଥା ଶ୍ରୀରାମଜନ୍ମ ନୀତି ଅବସରରେ ମଧ୍ୟାହ୍ନ ଧୂପ ଉଠିଲା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା । ଶୁଦ୍ଧସୁଆର ପୋଛ ମାରିବା ପରେ ପଣ୍ଡା ପଞ୍ଚୁବର୍ଣ୍ଣ ମୁରୁଜରେ 'ଜନ୍ମମଣ୍ଡଳ' କାଟିଥିଲେ । ମଧ୍ୟାହ୍ନ ଧୂପ ସରି ଦକ୍ଷିଣଘର ଭୋଗ ସରିଲା ପରେ ବିଜେ ପ୍ରତିମା ଶ୍ରୀରାମ ଦେବଙ୍କୁ ମହାଜନେ ସିଂହାସନକୁ ବିଜେ କରାଇଥିଲେ । ଏଠାରେ ମୁଦିରସ୍ତଙ୍କ ଦ୍ୱାରା ଧଣ୍ଡି ପ୍ରସାଦ ଲାଗି ଏବଂ ପ୍ରସାଦ ମଇଲମ ହୋଇଥିଲା । ପରେ ଆଜ୍ଞାମାଳ ପାଇ ରାମଦେବ ଜନ୍ମମଣ୍ଡଳକୁ ବିଜେ କରିଥିଲେ । ଏଠାରେ ଦୁଇ ଜଣ ମହାଜନ ଦଶରଥ, କୌଶଲ୍ୟା ଭାବରେ ଖଣ୍ଡୁଆ ଘୋଡ଼ାଇ ଏଠାରେ ଜନ୍ମବିଧି କରାଇଥିଲେ । କର୍ପୂର ଆଳତି, ବନ୍ଦାପନା ସରିବା ପରେ ପାଳିଆ ମହାସୁଆର ଗଣ୍ଡୁସ ମସଲା, କ୍ଷୀର ମଣୋହି ପାଇଁ ରଖନ୍ତେ ପଣ୍ଡା ଜନ୍ମବିଧାନ କରାଇ ପଇତା ଲାଗି କରିଥିଲେ । ପରେ ଶୀତଳ ଭୋଗ ହୋଇ ଜୟବିଜୟ ଦ୍ୱାରକୁ ରାମ ଦେବ ବିଜେ ହୋଇଥିଲେ । ସେଠାରେ ଚରୁଭାତ ମଣୋହି ପରେ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ ।

### ଶ୍ରୀମନ୍ଦିରରେ ସୀତା ବିବାହ ଓ କାମଦା ଏକାଦଶୀ :

ତା ୧୯.୪.୨୪ ରିଖ ଶୁକ୍ରବାର ଚୈତ୍ର ଶୁକ୍ଳ ଏକାଦଶୀ ତିଥିରେ ଧୂପ ସରିଲା ପରେ ରାମ, ଲକ୍ଷ୍ମଣ, ସୀତା ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୋଇଥିଲେ । ଏହା ପରେ ଘଣ୍ଟ, ଛତା, ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ବିଜେ ହୋଇ ସେଠାରେ ପୂର୍ବରୁ ପଡ଼ିଥିବା ଖଟକୁ ବିଜେ କରିଥିଲେ । ଏହି ଠାରେ ହରଚଣ୍ଡି ସାହି ସମାଜ ପରଶୁରାମ ପ୍ରସ୍ତାବ ଆଗତ କଲା ପରେ ଦିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।●



ତା. ୧୨.୪.୨୪: ବାଢ଼ିନୃସିଂହଙ୍କ ଘରି ଆଶ୍ରମ ବିଜେ

## ମେ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧.୫.୨୪ ରିଖ ବୁଧବାର | ଶ୍ରୀମନ୍ଦିରରେ ରାମାଭିଷେକ |
| ତା. ୮.୫.୨୪ ରିଖ ବୁଧବାର | ଶ୍ରୀମନ୍ଦିରରେ ରକ୍ମିଣୀ ଅମାବାସ୍ୟା |
| ତା. ୧୦.୫.୨୪ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରାରମ୍ଭ |
| ତା. ୧୫.୫.୨୪ ରିଖ ବୁଧବାର | ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ |
| ତା. ୧୯.୫.୨୪ ରିଖ ରବିବାର | ଶ୍ରୀମନ୍ଦିରରେ ମୋହିନୀ ଏକାଦଶୀ |
| ତା. ୨୨.୫.୨୪ ରିଖ ବୁଧବାର | ଶ୍ରୀମନ୍ଦିରରେ ନୃସିଂହ ଜନ୍ମ |
| ତା. ୨୯.୫.୨୪ ରିଖ ବୁଧବାର | ଶ୍ରୀମନ୍ଦିରରେ ଭଉଁରୀ |

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

### ୨୦୨୪ ରଥଯାତ୍ରା ପାଇଁ କାଠ ତନଖି

# ପ୍ରତିନିଧିଙ୍କ ନୟାଗଡ଼ ଓ ଘୁମୁସର ଯାତ୍ରା

ପୁରୀ,୫।୪(ବ୍ୟୁରୋ): ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନର ପ୍ରତିନିଧି ଦଳ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ୨୦୨୪ର ରଥତ୍ରୟ ନିର୍ମାଣ ପାଇଁ ଆବଶ୍ୟକ କାଠ ତନଖି ଉଦ୍ଦେଶ୍ୟରେ ନୟାଗଡ଼ ଓ ଘୁମୁସର ଯାତ୍ରା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ନୟାଗଡ଼ ବନଖଣ୍ଡରେ ଆଜି ଆବଶ୍ୟକ ଫାଶୀ କାଠ ଚିହ୍ନଟ କରାଯାଇଛି। ରଥର ଚକ ପାଇଁ ତୁମ୍ଭ ଓ ପହି ପାଇଁ ଏସବୁ ପ୍ରଯୁଜ୍ୟ ହେବ। ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ଯାତ୍ରା କରିଛନ୍ତି। ପ୍ରତିନିଧି ଦଳ ନୟାଗଡ ଜିଲ୍ଲାରେ ତନଖି ଶେଷ କରିବା ପରେ ଘୁମୁସର(ଉତ୍ତର ଓ ଦକ୍ଷିଣ) ବନଖଣ୍ଡ ଅଞ୍ଚଳ ଯାତ୍ରା କରିବେ। ଯାତ୍ରାର ଉଦ୍ଦେଶ୍ୟ ରଥ ନିର୍ମାଣ ପାଇଁ ଫାଶୀ କାଠ ତଥା ୪୦ ଫୁଟିଆ କାଠ ଗଡ଼ ଯୋଗାଡ। ଏସବୁ ରଥର ଅଖ, ଚକ ଆଦି ଅଂଶରେ ବ୍ୟବହାର ହେବ। ରଥ ନିର୍ମାଣ ପାଇଁ ମୁଖ୍ୟତଃ ୮୬୫ କାଠ ଆବଶ୍ୟକ ହୋଇଥାଏ। ୨୦୨୩ ମସିହା ରଥ ଯାତ୍ରାରେ ୫୩ କାଠ ଗଚ୍ଛିତ ଥିଲା। ରଥଯାତ୍ରା ୨୦୨୪ ପାଇଁ ଆଉ ୮୧୨ ଖଣ୍ଡ କାଠ ବରାଦ କରାଯାଇଛି। ଠାକୁରଙ୍କ ଇଚ୍ଛାରୁ ଆବଶ୍ୟକ କାଠ ଠିକଣା ସମୟରେ ପହଞ୍ଚିଯିବ ବୋଲି ବରିଷ୍ଠ ତତ୍ତ୍ୱାବଧାରକ ଶ୍ରୀ ମେକାପ ଆଶା ରଖିଛନ୍ତି।

ପ୍ରମେୟ- ତା . ୬.୪.୨୦୨୪

# ରକ୍ତପଟାରୁ ପୁରୀ ଯିବ ରଥ କାଠ



ଶେରଗଡ଼, ୮।୪ (ଆପ୍ର): ଶେରଗଡ ବ୍ଲକ୍‌ର ରକ୍ତପଟା ଗ୍ରାମରେ ସୋମବାର ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଥିଲା। ଏଠାରୁ ପୁରୀର ପ୍ରସିଦ୍ଧ ଘୋଷଯାତ୍ରା ସକାଶେ ରଥକାଠ କାଟିବାକୁ ଗଛ ଚିହ୍ନଟ କରାଯାଇଛି। ପୁରୀ ଶ୍ରୀମନ୍ଦିରରୁ ଏକ ପ୍ରତିନିଧି ଦଳ ଗ୍ରାମରେ ପହଞ୍ଚିବା ପରେ ଘଣ୍ଟ, ମୃଦଙ୍ଗ, ଗିନି ବଜାଇ ଗାଁ ଲୋକେ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ଦଳରେ ସାମିଲ ଥିଲେ ରଥର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥ କାଠ ଅମିନ ମହାରଣା, ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ, ଟି. ପାଲ ପ୍ରମୁଖ। ଗ୍ରାମବାସୀ ସେମାନଙ୍କ ପାଦ ଧୋଇ ସ୍ୱାଗତ କରିଥିଲେ। ବନବିଭାଗର ଆସିକା ରେଞ୍ଜ୍ ଅଧିକାରୀ ପ୍ରମୋଦ ପଣ୍ଡା, ଖଡଙ୍ଗୀପଲ୍ଲୀ ଫରେଷ୍ଟର୍ ପି.ସୁରଜ କୁମାରଙ୍କ ସହାୟତାରେ ନିକଟସ୍ଥ ଜଙ୍ଗଲରୁ ରଥ କାଠ ପାଇଁ ଉଦ୍ଦିଷ୍ଟ ଉନ୍ନତ ଫାସି ଗଛକୁ ଚିହ୍ନଟ କରିଥିଲେ। ପରେ ଉକ୍ତ ଗଛରେ ଆଜ୍ଞାମାଳ ଲଗାଇ ସ୍ଥିରୀକୃତ କରିବା ସହ ପ୍ରତିନିଧି ଦଳ ପୁରୀ ଫେରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ବନବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ।

ପ୍ରମେୟ- ତା . ୯.୪.୨୦୨୪

# ସିଂହଦ୍ୱାରରେ ଜଗିଲେ ପ୍ରତିହାରୀ ସେବକ

ପୁରୀ,୧୪।୪ (ନି.ପ୍ର.): ଶ୍ରୀଜଗନ୍ନାଥ ମନ୍ଦିର ଭିତରେ ଅଣହିନ୍ଦୁଙ୍କ ପ୍ରବେଶ ରୋକିବା ପାଇଁ ପ୍ରତିହାରୀ ନିଯୋଗ ପକ୍ଷରୁ ରବିବାର ଠାରୁ ଦୁଇଜଣ ସେବକଙ୍କୁ ନିୟୋଜନ କରାଯାଇଛି। ପରମ୍ପରା ଅନୁଯାୟୀ ହାତରେ ଦୁଇଟି ଲେଖାଏଁ ବେତବାଡି ଧରି ସେମାନେ ସିଂହଦ୍ୱାରରେ ପାଳିକରି ଜଗୁଛନ୍ତି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ସେମାନଙ୍କୁ ଅନୁମତି ପ୍ରଦାନ କରିଛି। ଏହାପରେ ଶ୍ରୀମନ୍ଦିରର ଦକ୍ଷିଣଦ୍ୱାର, ପଶ୍ଚିମଦ୍ୱାର ଏବଂ ଉତ୍ତରଦ୍ୱାରରେ ପ୍ରତିହାରୀଙ୍କୁ ନିୟୋଜିତ କରାଯାଇଛି। ପୁଲିସ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ କଟକଣା ଉଲ୍ଲଙ୍ଘନ କରି ଅଣହିନ୍ଦୁ ବିଦେଶୀ ବାରମ୍ବାର ଶ୍ରୀମନ୍ଦିରରେ ପ୍ରବେଶ କରୁଥିବାରୁ ପ୍ରତିହାରୀ ନିଯୋଗ ଏଭଳି ନିଷ୍ପତ୍ତି ଗ୍ରହଣ କରିଛି। ଅଣହିନ୍ଦୁଙ୍କ ପ୍ରବେଶ ରୋକିବା ସହ ଅଶାଳୀନ ପୋଷାକ ପିନ୍ଧି ପ୍ରବେଶ ପାଇଁ ଉଦ୍ୟମ କରୁଥିବା ଭକ୍ତଙ୍କୁ




ସଚେତନ କରାଯିବ। ସିଂହଦ୍ୱାର ପ୍ରତିହାରୀ ସେବା ସମ୍ପର୍କରେ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ବ୍ୟବସ୍ଥା ରହିଥିବା ନିଯୋଗ ସାଧାରଣ ସମ୍ପାଦକ ରାମ ନାରାୟଣ ଗୋଛିକାର ସୂଚନା ଦେଇଛନ୍ତି। ତେବେ ଦୀର୍ଘବର୍ଷ ଧରି ଏହିସେବା ବନ୍ଦ ରହିଥିଲା। ଶ୍ରୀମନ୍ଦିର ପ୍ରଶାସନର ଅନୁମତି କ୍ରମେ ମହାବିଷୁବ ସଂକ୍ରାନ୍ତି ତିଥିରେ ଏହି ସେବା ପୁନଃପ୍ରଚଳନ କରାଯାଇଛି। ପରମ୍ପରା ଅନୁଯାୟୀ ପ୍ରତ୍ୟେକ ଦିନ ସକାଳେ ତଲୁଛଙ୍କ ଉପସ୍ଥିତିରେ ପ୍ରତିହାରୀ ଶ୍ରୀମନ୍ଦିର ଦ୍ୱାର ଫିଟାଇଥାନ୍ତି। ସେହିପରି ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ଶେଷ ହେବା ପରେ ପାଳିଆ ପ୍ରତିହାରୀ ସେବକ ସିଂହଦ୍ୱାରର ଫାଳେ କବାଟ ବନ୍ଦ କରନ୍ତି। ରାତିରେ ମହାପ୍ରଭୁଙ୍କ ପହୁଡ ପରେ ପ୍ରତିହାରୀ ସେବକ ଦୁଆର ବନ୍ଦ କରିବା ପରମ୍ପରା ରହିଛି। ସିଂହଦ୍ୱାରରେ ଏବେ ୪ଜଣ ପ୍ରତିହାରୀଙ୍କୁ ନିଯୋଗ ନିୟୋଜିତ କରିଥିବା ଜଣାପଡିଛି।

ସମାଜ- ତା . ୧୫.୪.୨୦୨୪

ଶ୍ରୀମନ୍ଦିରରେ ହନୁମାନ ଜୟନ୍ତୀ

# ମହାବୀରଙ୍କୁ 'ମହାପ୍ରଭୁଙ୍କ ଆଜ୍ଞାମାଳ'





ପୁରୀ, ୧୪/୪(ଇମିସ): ଶ୍ରୀମନ୍ଦିରରେ ହନୁମାନ ଜୟନ୍ତୀ ଅବସରରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ଆଜ୍ଞାମାଳ ଚାରିଦ୍ୱାର ମହାବୀର ଓ ବାଡଭାଇ ମହାବୀରଙ୍କୁ ପ୍ରଦାନ କରାଯାଇଛି। ସକାଳ ଧୂପ ନୀତି ପରେ ଦକ୍ଷିଣୀଘରୁ ଶ୍ରୀମହାବୀର ରତ୍ନ ସିଂହାସନକୁ ବିଜେ କରିଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇବା ପରେ ଝୁଲଣ ମଣ୍ଡପ ତଳେ ବିମାନରେ ବିଜେ ହୋଇଥିଲେ। ପୂଜାପଣ୍ଡା ଶ୍ରୀଜଗନ୍ନାଥ ବଲ୍ଲଭସ୍ଥିତ ସୁଗ୍ରୀବ ମହାବୀରଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ପରେ ପଟୁଆରରେ ଯାଇ ପୂଜାପଣ୍ଡା ଦରିଆ ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ସେଠାରୁ ଫେରିବା ପରେ ଶ୍ରୀଜଗନ୍ନାଥବଲ୍ଲଭ ମଠରେ ଶ୍ରୀହନୁମାନଙ୍କୁ ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥିଲା। ପରେ ଶ୍ରୀହନୁମାନ ବାହୁଡ଼ା ବିଜେ କରି ଦକ୍ଷିଣୀଘରକୁ ଫେରିଥିଲେ।

ସମ୍ବାଦ- ତା . ୧୫.୪.୨୦୨୪

# ଫଟୋରେ ଖବର...






ତା ୬.୪.୨୪ : ପୁରୀ ଶରଧା ବାଲିରେ ଅନୁଷ୍ଠିତ 'ପ୍ରଥମ କନ୍ୟାଟ୍ ଜାତୀୟ କୁସ୍ତି ପ୍ରତିଯୋଗିତା'ରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ପୁରୀ ଶ୍ରୀମନ୍ଦିର ପ୍ରଶାସନରେ କାର୍ଯ୍ୟରତ ବରକନ୍ଦାଜ (**J.T.P.**) ଶ୍ରୀ ସନ୍ତୋଷ କୁମାର ଦାଶ ଏବଂ ଶ୍ରୀ ହେମନ୍ତ ଭୋଇ 'ସ୍ୱର୍ଣ୍ଣ ପଦକ' ପ୍ରାପ୍ତ କରିଅଛନ୍ତି । ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ ଏବଂ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ଉଭୟଙ୍କୁ ସମ୍ମାନିତ କରୁଅଛନ୍ତି ।



ତା ୧୦.୪.୨୪ : ମଣିପୁରର ମହାମହିମ ରାଜ୍ୟପାଳ ଅନସୂୟା ଉଇକେ ଶ୍ରୀମନ୍ଦିର ଲୋ.ସଂ.ଅଧିକାରୀ ଶ୍ରୀଯୁକ୍ତ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି ।



ତା ୧୦.୪.୨୪ : ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରେ ପୂର୍ବତନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ 'ବିଦାୟକାଳୀନ ଅବସର'ରେ ଉପସ୍ଥିତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟବୃନ୍ଦ, ନୂତନ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ, ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ପ୍ରଶାସନର ଉଚ୍ଚପଦାଧିକାରୀବୃନ୍ଦ



ତା ୧୦.୪.୨୪ : ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରେ ନୂତନ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟବୃନ୍ଦ ଏବଂ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଉପସ୍ଥିତିରେ 'ଦାୟିତ୍ୱ ଗ୍ରହଣ' କରୁଅଛନ୍ତି ।



ତା ୧୦.୪.୨୪ : ଶ୍ରୀମନ୍ଦିରର ନୂତନ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ ପରେ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି ।

# ଫଟୋରେ ଖବର...





ତା ୧୭.୪.୨୪ : ଚଳିତ ବର୍ଷ ମହାପ୍ରଭୁଙ୍କ ରଥ ଯାତ୍ରା ପାଇଁ ପାରମ୍ପରିକ ଭାବେ ଶ୍ରୀରାମ ନବମୀ ତିଥିରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ରଥ ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ମହାପ୍ରଭୁଙ୍କ ଆଜ୍ଞାମାଳ, ମହାର୍ଦ୍ଦି, ନଡ଼ିଆ ଇତ୍ୟାଦି ସହ 'ରଥ କାଠ ଚିରଟ' ଅନୁକୂଳ ପାଇଁ କଟକ ଖପୁରିଆସ୍ଥିତ ବନ ଉନ୍ନୟନ କରତ କଳକୁ ଯାତ୍ରାରାମ୍ଭ କରୁଅଛନ୍ତି ଏବଂ ସେଠାରେ ପୂଜାର୍ଚ୍ଚନା କରାଯାଇ ରଥ କାଠ ଚିରଟ କରାଯାଉଅଛି ।



ତା ୧୬.୪.୨୪ : ଭାରତର ବିଶିଷ୍ଟ ଶିଳ୍ପପତି ଶ୍ରୀଯୁକ୍ତ ମୁକେଶ ଅମ୍ବାନୀଙ୍କ କନିଷ୍ଠ ପୁତ୍ର ଶ୍ରୀଯୁକ୍ତ ଅନନ୍ତ ଅମ୍ବାନୀ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି ।



ତା ୧୯.୩.୨୪ : ଚଳିତ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ଚନ୍ଦନପୁରସ୍ଥିତ କତା ନିଗମରେ ପ୍ରସ୍ତୁତ କରାଯାଇଥିବା 'ରଥ ଦଉଡ଼ି' ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିଅଛି ।



ତା ୨୪.୪.୨୪ : ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ ।



ତା ୨୫.୪.୨୪ : ଆନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ୍ ଖେଳାଳୀ ସାଇନା ନେହ୍ୱାଲ୍ ଶ୍ରୀମନ୍ଦିର ଲୋ.ସଂ. ଅଧିକାରୀ ଶ୍ରୀଯୁକ୍ତ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି ।

## (୨୩) ୧୮୮୦ ମସିହା ପୁରୀ ରଥଯାତ୍ରା
### (ଭାଗ-୧୫-ସଂଖ୍ୟା ୩୧- ତା ୩୧ରିଖ, ଜୁଲାଇ)

ପୁରୀର ରଥଯାତ୍ରା ଅବଧି ଶେଷ ହୋଇଥିବାର ଅର୍ଥାତ୍ ଠାକୁରମାନେ ମନ୍ଦିରକୁ ଫେରିଆସିବାର ସଂବାଦ ଆସିନାହିଁ । ବାହୁଡ଼ାଦଶମିର ଏକ ସପ୍ତାହ ଉତ୍ତାରୁ ରଥମାନ ଦକ୍ଷିଣମୁଖା ହୋଇ ଠାକୁରମାନେ ତହିଁ ଉପରେ ବିରାଜମାନ ହେଲେ ବୋଧ ହୁଅଇ ଏଥି ମଧ୍ୟରେ ମନ୍ଦିର ପର୍ଯ୍ୟନ୍ତ ଆସିଥିବେ । ହାକିମମାନଙ୍କ ଅନ୍ୟାୟ ହସ୍ତକ୍ଷେପ କରିବା ଏତେ ବିଳମ୍ବର ହେତୁ ଅଟେ ଏବଂ କଥିତ ହୁଅଇ ଯେ ପୁଲିସ ଏବଂ ମାନେଜର ମଧ୍ୟରେ ମନାନ୍ତର ଘଟିବାରୁ ଏପରି ହେଲା । ଯାହାହେଉ ସେସବୁ ବିସ୍ତାର କରି ଲେଖିବାର ପ୍ରୟୋଜନ ନାହିଁ କାରଣ ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ପୁରୀର ମାଜିଷ୍ଟ୍ରେଟ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାନୁସାରେ କମିଶନର ସାହେବଙ୍କୁ ଯେଉଁ



ରିପୋର୍ଟ କରିଅଛନ୍ତି ତହିଁରେ ମାନେଜରଙ୍କ ଦୋଷ ଦେଇଅଛନ୍ତି ଓ ମାନେଜରଙ୍କୁ ତହିଁରେ କୈଫିୟତ ତଲବ ହୋଇଅଛି । ଆମ୍ଭେମାନେ କମିଶନର ସାହେବଙ୍କୁ ଏତିକି ପ୍ରାର୍ଥନା କରୁଁ ଯେ ଏ ଘଟଣାର ସମସ୍ତ ବୃତ୍ତାନ୍ତ ସୂକ୍ଷ୍ମରୂପେ ଅନୁସନ୍ଧାନ କରି ଯାହାର ଯେ ପରିମାଣରେ ଦୋଷ ପାୟା ଯିବ ତାହାକୁ ତହିଁର ବିହିତ ଶିକ୍ଷା ଦେବେ ଏବଂ ଉଚିତ୍ ବିଚାର କରିବା ଦ୍ୱାରା ସର୍ବସାଧାରଣଙ୍କୁ ସନ୍ତୁଷ୍ଟ କରିବେ । ଜଗନ୍ନାଥଙ୍କ ରଥଯାତ୍ରାରେ ବ୍ୟାଘାତ ଘଟିବାରୁ ସମସ୍ତ ହିନ୍ଦୁଙ୍କର ଯେ ବିଶେଷ ମନଦୁଃଖ ହୋଇଅଛି ଏକଥା ବୋଲିବା ବାହୁଲ୍ୟ ।

## (୨୪) ୧୮୮୦ ମସିହା ପୁରୀ ରଥଯାତ୍ରା
### (ଭାଗ-୧୫-ସଂଖ୍ୟା ୩୨- ତା ୭ରିଖ, ଅଗଷ୍ଟ)

ପୁରୀର ରଥଯାତ୍ରା କୌଣସି ରୂପେ ନିର୍ବାହ ହୋଇଗଲା ଠାକୁର ଦୁଇଦିନ ହେଲା ଅର୍ଥାତ୍ ବାହୁଡ଼ାଦଶମି ଗତ ହେବାର ୧୯/୨୦ ଦିନରେ ମନ୍ଦିରରେ ପ୍ରବେଶ କଲେ ଓ ଯେଉଁମାନେ ରଥଯାତ୍ରା ଆରମ୍ଭଠାରୁ ଅବଧି ନାନାପ୍ରକାର ବାଧା ଦେବାରେ ତିଳମାତ୍ର ତ୍ରୁଟି କରି ନଥିଲେ ସେମାନଙ୍କର ଲୀଳାଖେଳାମାନ ଏବର୍ଷ ସକାଶେ ଶେଷ ହେଲା । ଆଗାମିକୁ ଜଗନ୍ନାଥଙ୍କର ଯାହା ଇଚ୍ଛାଥିବା ତାହା ଘଟିବ । କିନ୍ତୁ ଦୀର୍ଘକାଳ ଠାକୁରମାନଙ୍କର ମନ୍ଦିରରୁ ଅନ୍ତର ରହିବା ଓ ତହିଁ ନିମିତ୍ତ ଅନ୍ନ ମହାପ୍ରସାଦ ବନ୍ଦହେବାରୁ ଯାତ୍ରୀ ଓ ନଗରବାସୀ ହିନ୍ଦୁମାନଙ୍କର ଯେ କି ପର୍ଯ୍ୟନ୍ତ କଷ୍ଟ ଓ ମନୋଦୁଃଖ ହୋଇଅଛି ତାହା ବର୍ଣ୍ଣନାତୀତ ଓ ଯାହାଙ୍କର ହେତୁ ଏ ସମସ୍ତ ଘଟିଅଛି ସେମାନେ ସାଧାରଣଙ୍କ ନିନ୍ଦାଭାଜନ ହୋଇଅଛନ୍ତି । ଆମ୍ଭେମାନେ ବିଶ୍ୱସ୍ତସୂତ୍ରେ ଅବଗତ ହୋଇଅଛୁଁ ଯେ ପୁରୀର ପୁଲିସ ସାହେବ ଏଥିର ମୂଳକାରଣ ଅଟନ୍ତି ଏବଂ ମାଜିଷ୍ଟ୍ରେଟ ଆର୍ମଷ୍ଟ୍ରଂ ସାହେବ ତାହାଙ୍କୁ ଆପଣା କର୍ତ୍ତବ୍ୟକ୍ରମ ଦେଖାଇ ନ ଦେଇ ବରଂ ତାହାଙ୍କ ବିଚାରାନୁସାରେ ଚାଲିଅଛନ୍ତି । ଆମ୍ଭେମାନେ ଜାଣିଥିଲୁଁ ଯେ ଯାତ୍ରାପର୍ବ ସମୟରେ ଲୋକଙ୍କ ଧନ ପ୍ରାଣ ରକ୍ଷା ଏବଂ ଦୁର୍ଘଟନା ନିବାରଣ ସକାଶେ ପୁଲିସ ହାତରେ ଗବର୍ଣ୍ଣମେଣ୍ଟ କେତେକ ଅଧିକାର ଦେଇଅଛନ୍ତି ହିନ୍ଦୁମାନଙ୍କ ଧର୍ମପ୍ରତି ବାଧାଦେବା ନିମିତ୍ତ ନୁହଁଇ । ମାତ୍ର ପୁରୀର ପୁଲସ ସାହେବ ଏମନ୍ତ ଭାବରେ କାର୍ଯ୍ୟ କଲେ ଯେମନ୍ତ କି ରଥଯାତ୍ରାର ସମସ୍ତ କାର୍ଯ୍ୟ ତାହାଙ୍କ ସ୍ୱେଚ୍ଛାଧୀନରେ ଗବର୍ଣ୍ଣମେଣ୍ଟ ରଖି ଦେଇଥିଲେ ଏବଂ ତାହାଙ୍କ ଇଚ୍ଛା ଏବଂ ଅବସର ମତେ ସକଳ କାର୍ଯ୍ୟ ହେବାର ଥିଲା । ଏକଦିନ ଏକସମୟରେ ରଥଟଣା ହେବାର ସ୍ଥିର ହୋଇ ତାହାଙ୍କୁ ସମ୍ବାଦ ଦିଆଗଲା ସେଦିନ ସେ ସମୟରେ ସେ ପୁଲିସ ଦଳଙ୍କୁ ପଠାଇଲେ ନାହିଁ । ପୁଲିସ ନିରୂପିତ ସମୟରୁ ଦୁଇ ଏକଘଣ୍ଟା ପୂର୍ବେ ଅଥବା ପରେ ଆସିଲେ । ଯେଉଁଦିନ ପୂର୍ବେ ଆସିଲେ ସେଦିନ ରଥ ଟାଣିବାକୁ କେହି ଉପସ୍ଥିତ ନ ଥିବାର କହିଲେ ଓ ଯେଉଁଦିନ ପରେ ଆସିଲେ ସେଦିନ ଲୋକେ ଚାହିଁ ଚାହିଁ ଫେରି ଯାଇଥିବାରୁ ସେହି କଥା କହିବାକୁ ହେଲା । ଏକ ଏକ ଦିନ ଏମନ୍ତ ହେଲା ଯେ ପୁଲିସ ଓ ରଥ ଟାଣିବା ଲୋକ ନୁହେଁ ଉପସ୍ଥିତ ମାତ୍ର ପୁଲିସ ସାହେବଙ୍କ ହୁକୁମ ଆସିନାହିଁ ବୋଲି ରଥଟଣା ହେଲାନାହିଁ ଓ ପୁଲିସ ସାହେବଙ୍କୁ ସମ୍ବାଦ ଦିଆଗଲେ ମଧ୍ୟ ସେ ତତ୍କ୍ଷଣାତ୍ ଆସିଲେ ନାହିଁ । ମାଜିଷ୍ଟ୍ରେଟଙ୍କୁ ସମସ୍ତ କଥା ଜଣାଇ ଦିଆଗଲା କିନ୍ତୁ ଯେତେଦୂର ତାହାଙ୍କର ତତ୍ପର ହେବା ଉଚିତ୍ ତାହା ସେ ହେଲେ ନାହିଁ । ଫଳକଥା ଏହିକି ଯାହାଙ୍କ ହାତରେ ଅଧିକାର ଅଛି ସେ ଯେବେ ଇଚ୍ଛାପୂର୍ବକ କୌଣସି କାର୍ଯ୍ୟରେ ବାଧା ଦେବାକୁ ଚେଷ୍ଟା କରିବେ, ତାହା ଅନେକ ପ୍ରକାରରେ ଘଟିପାରିବ ଏବଂ ଏ ରଥଯାତ୍ରାର ସମସ୍ତ ବୃତ୍ତାନ୍ତ ଆଦ୍ୟୋପାନ୍ତ ବିଚାର କଲେ ତାହା ଯଥେଷ୍ଟ ରୂପେ ଅନୁଭୂତ ହେବ । ଆମ୍ଭେମାନେ ଆଶା କରୁଁ ଯେ ଶ୍ରୀଯୁକ୍ତ କମିଶ୍ନର ସାହେବ ଏ ସମସ୍ତ ଘଟନାର ବିଲକ୍ଷଣ ତଦନ୍ତ କରି ଯାହାର ଯେ ପରିମାଣରେ ଦୋଷ ପ୍ରକାଶ ହେବ ତାହା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ଏବଂ ଭବିଷ୍ୟତକୁ ଏପରି ଦୁର୍ଘଟନା ନିବାରଣର ବିହିତ ଉପାୟ କରି ଦେଇ ହିନ୍ଦୁପ୍ରଜାମାନଙ୍କର ଧନ୍ୟବାଦର ପାତ୍ର ହେବେ ।



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

ପୂର୍ବ ପ୍ରକାଶିତ ଉତ୍ତାରୁ ....

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପୂଜାବିଧି :
### ଓଁ ଶ୍ରୀଗଣେଶାୟ ନମଃ
## ଅବିଘ୍ନମସ୍ତୁ
### ''ମଙ୍ଗଳାଚରଣମ୍'

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ଓଁ ବିଷ୍ଣୁର୍ବିଷ୍ଣୁର୍ବିଷ୍ଣୁଃ ଅଦ୍ୟେହପୁଣ୍ୟେଽହନି ବିଶିଷ୍ଟଭୂପ୍ରଦେଶେ ଅମୁକ ମାସି ଅମୁକ ପକ୍ଷେ ଅମୁକ ତିଥୌ ଅମକୁ ବାସରେ ଅମୂକ ନାମଧେୟ ନକ୍ଷତ୍ରେ ଅମୁକ ରାଶିସ୍ଥିତେ ଶ୍ରୀଭାସ୍କରେ ଅମୁକ ରାଶିସ୍ଥିତେ ଶ୍ରୀଚନ୍ଦ୍ରମସି ଏବଂ ଯଥାସ୍ଥାନାବସ୍ଥିତେଷୁ ଭୌମାଦି ଗ୍ରହଯୋଗଲଗ୍ନକରଣମୁହୂର୍ତ୍ତକାଳାଂଶକେଷୁ ଏବଂ ବିଧିବିଶେଷଣ ବିଶିଷ୍ଟାୟାଂ ଶୁଭ ପୁଣ୍ୟତିଥୌ ଅମୁକସ ଗୋତ୍ରଃ ଶ୍ରୀମାନ୍ ଅମୁକ ଦେବଶର୍ମାହଂ ମମ ଇହ ଜନ୍ମନି ଜନ୍ମ ଜନ୍ମାନ୍ତରେ ବା କୃତ-କାୟିକ-ବାଚିକ-ମାନସିକ-ସାଂସର୍ଗିକ- ସମସ୍ତ-ପାପ-କ୍ଷୟାର୍ଥଂ ଚତୁର୍ବର୍ଗଫଳପ୍ରାପ୍ତ୍ୟାର୍ଥଂ ଶ୍ରୀଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିପ୍ରୀତୟେ ବ୍ରାହ୍ମଣଦ୍ୱାରା ଅଦ୍ୟାରଭ୍ୟ ପଞ୍ଚରାତ୍ରମ୍ ଯାବଦ୍ ଯଥାଶକ୍ତି ପୂଜାହୋମ ପୁରାଣପଠନ କର୍ମ କର୍ତ୍ତୁଂ ସଂକଳ୍ପମହଂ କୁର୍ବୀୟ । ଅସ୍ମିନ୍ ସଂକଳ୍ପିତେ କର୍ମଣି ସିଦ୍ଧିରସ୍ତୁ- ଶୁଭଂ ଭବତୁ । ତତଃ ନମସ୍କାରଃ- ଓଁ ଯଜ୍ଜାଗ୍ରତୋ ଦୂରମୁଦୈତି ଦୈବଂ ତଦୁସୁପ୍ତସ୍ୟ ତଥୈବୈତି ।

ଦୂରଂଗମଂ ଜ୍ୟୋତିଷାଂ ଜ୍ୟୋତିରେକଂ ତନ୍ମେ ମନଃ ଶିବସଂକଳ୍ପମସ୍ତୁ ।

ପଞ୍ଚାମୃତଶୁଦ୍ଧିଃ : ପଞ୍ଚାବ୍ଜମଣ୍ଡଳେ ପୂର୍ବାଦିକ୍ରମେଣ କ୍ଷୀରଂ, ଦଧି, ଘୃତଂ, ମଧୂ, ଶର୍କରାଂ ଚ ସଂସ୍ଥାପ୍ୟ ପୃଥକ୍ ପୃଥକ୍ ମନ୍ତ୍ରେଣ ମିଶ୍ରୟେତ୍ ।

ଅଥ କ୍ଷୀରମ୍ : ଓଁ ଆପ୍ୟାୟସ୍ୱେତ୍ୟସ୍ୟ ମନ୍ତ୍ରସ୍ୟ, ଗୌତମ ଋଷିଃ, ଗାୟତ୍ରୀଚ୍ଛନ୍ଦଃ, ସୋମାତ୍ମକପୟୋଦେବତା, କ୍ଷୀରାଭିମନ୍ତ୍ରଣେ ବିନିଯୋଗଃ ।

ଓଁ ଆପ୍ୟାୟସ୍ୱ ସମେତୁ ତେ ବିଶ୍ୱତଃ ସୋମ ବୃଷ୍ୟମ୍ । ଭବାବାଜ୍ୟସ୍ୟ ସଂଗଥେ ।

ଅଥ ଦଧି : ଓଁ ଦଧିକ୍ରାବ୍ଣ ଇତ୍ୟସ୍ୟ ମନ୍ତ୍ରସ୍ୟ, ଦଧିକ୍ରାବା ଋଷିଃ ଅନୁଷ୍ଟୁପ୍ ଛନ୍ଦଃ, ସୁରଭ୍ୟୁତ୍ପନ୍ନଦଧି ଦେବତା, ଦଧ୍ୟଭିମନ୍ତ୍ରଣେ ବିନିଯୋଗଃ । ଓଁ ଦଧିକ୍ରାବ୍ଣୋ ଅକାରିଷଂ ଜିଷ୍ଣୋରଶ୍ୱସ୍ୟ ବାଜିନଃ, ସୁରଭିନୋମୁଖାକରତ୍ ପ୍ରଣ ଆୟୂଂଷି ତାରିଷତ୍ ।

ଅଥ ଘୃତମ୍ : ଓଁ ତେଜୋଽସୀତ୍ୟସ୍ୟ ମନ୍ତ୍ରସ୍ୟ, ପ୍ରଜାପତି ଋଷିଃ, ଯଦୁଶ୍ଛନ୍ଦଃ, ସୁରଭ୍ୟୁତ୍ପନ୍ନଦେବତା, ଘୃତାଭିମନ୍ତ୍ରଣେ ବିନିଯୋଗଃ । ଓଁ ତେଜୋଽସି ଶୁକ୍ରମସ୍ୟମୃତମସିଧାମନାମାସି । ପ୍ରିୟଂଦେବାନାମନାଧୃଷ୍ଟଂ ଦେବଯଜନମ୍ ।

ଅଥ ମଧୁ : ଓଁ ମଧୁବାତେତ୍ୟସ୍ୟ ମନ୍ତ୍ରସ୍ୟ, ଗୌତମ ଋଷିଃ, ଗାୟତ୍ରୀଚ୍ଛନ୍ଦଃ, ବିଶ୍ୱଦେବା ଦେବତା, ମଧୁଭିମନ୍ତ୍ରଣେ ବିନିଯୋଗଃ । ଓଁ ମଧୁଦାତା ଋତାୟତେ ମଧୁକ୍ଷରନ୍ତି ସିନ୍ଧବଃ, ମାଧ୍ୱୀର୍ନଃ ସନ୍ତ୍ୱୋଷଧୀଃ ।

ଅଥ ଶର୍କରା : ଓଁ ତ୍ୱମଙ୍ଗପ୍ରଶମିତ୍ୟସ୍ୟ ମନ୍ତ୍ରସ୍ୟ, ପ୍ରଜାପତି ଋଷିଃ, ଉଷ୍ଣିକ୍ ଛନ୍ଦଃ, ସୋମାତ୍ମକ-ଶର୍କରା-ଦେବତା, ଶର୍କରାଭିମନ୍ତ୍ରଣେ ବିନିଯୋଗଃ । ଓଁ ତ୍ୱମଙ୍ଗ ପ୍ରଶ ଗୁଁ ସିଷୋ ଦେବଃ ଶବିଷ୍ଠ ମର୍ତ୍ତମ୍ । ନ ତ୍ୱଦନ୍ୟୋ ମଘବନ୍ନସ୍ତି ମର୍ଡ଼ିତେନ୍ଦ୍ର ବ୍ରବୀମି ତେ ବଚଃ ॥

ସର୍ବମେକୀକୃତ୍ୟ ଓଁ ନାରାୟଣାୟ ବିଦ୍ମହେ, ବାସୁଦେବାୟ ଧୀମହି, ତନ୍ନୋ ବିଷ୍ଣୁଃ ପ୍ରଚୋଦୟାତ୍ । ଇତି ମନ୍ତ୍ରଣଂ କୃତ୍ୱା ପାତ୍ରାନ୍ତରେ ଭାଗୈକଂ ନୀତ୍ୱା ସର୍ବତ୍ର ପ୍ରକ୍ଷିପେତ୍ ॥

ଅଥ- ଗଣପତିପୁରଃସର-ଅଷ୍ଟାଦଶ-ମାତୃପୂଜା :

ତତଃ ପୀଠୋପରି ନୂତନପଟ୍ଟବସ୍ତ୍ରଂ ପାତୟିତ୍ୱା ତଦୁପରି ହାରିଦ୍ରଚୂର୍ଣ୍ଣୈଃ ଊନବିଂଶତିକୋଷ୍ଠକମଣ୍ଡଳଂ କୃତ୍ୱା, ତତଃ ସ୍ୱନାମଚତୁର୍ଥ୍ୟନ୍ତେନ ବ୍ୟାହୃତି-ପୂର୍ବକଂ ଗଣପତି-ସହିତଂ ଅଷ୍ଟାଦଶ-ମାତୃଗଣାନ୍ ପୂଜୟେତ୍ ।


(କ୍ରମଶଃ...)

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୭) ଶ୍ରୀନୃସିଂହଦେବ

**ଶ୍ରୀଲକ୍ଷ୍ମୀନୃସିଂହ :** ଶ୍ରୀମନ୍ଦିରର ଦକ୍ଷିଣି ଘରେ ବିରାଜିତ ଶ୍ରୀଲକ୍ଷ୍ମୀନୃସିଂହ ବିଗ୍ରହ ଅଷ୍ଟଧାତୁରେ ନିର୍ମିତ । ତାଙ୍କର ଉଚ୍ଚତା ପ୍ରାୟ ଅଠର ଇଞ୍ଚ । ଅତ୍ୟନ୍ତ କମନୀୟ ଏହି ମୂର୍ତ୍ତି ଚତୁର୍ଭୁଜ ବିଶିଷ୍ଟ । ସୁଖାସନମୁଦ୍ରାରେ ଉପବିଷ୍ଟ ବିଜେ ପ୍ରତିମା ଶ୍ରୀଲକ୍ଷ୍ମୀନୃସିଂହଙ୍କ ବାମକ୍ରୋଡ଼ରେ ଲକ୍ଷ୍ମୀଦେବୀ ବିରାଜମାନ କରିଅଛନ୍ତି । ସ୍ମିତହାସ୍ୟବଦନା ଦେବୀ ଲକ୍ଷ୍ମୀଙ୍କ ଚକ୍ଷୁଯୁଗଳ ଶ୍ରୀନୃସିଂହଦେବଙ୍କ ନେତ୍ରଦ୍ୱୟ ଉପରେ ନିବଦ୍ଧ । ବିଜେ ପ୍ରତିମା ଶ୍ରୀଲକ୍ଷ୍ମୀନୃସିଂହଦେବ ନିଜର ଉର୍ଦ୍ଧ୍ୱ ଦକ୍ଷିଣ ହସ୍ତରେ ଚକ୍ର ଓ ବାମ ହସ୍ତରେ ଶଙ୍ଖ ଧାରଣ କରିଛନ୍ତି । ସେହିପରି ତାଙ୍କର ନିମ୍ନ ହସ୍ତଦ୍ୱୟ ଅଭୟମୁଦ୍ରାରେ ସୁଶୋଭିତ ।



**ନବକଳେବର ନୀତିରେ ଶ୍ରୀଲକ୍ଷ୍ମୀନୃସିଂହଦେବ :** ମହାପ୍ରଭୁଙ୍କର ନବକଳେବର ନୀତିରେ ଶ୍ରୀଲକ୍ଷ୍ମୀନୃସିଂହଦେବଙ୍କର ବିଶେଷ ଭୂମିକା ରହିଅଛି । ନବକଳେବର ସମୟରେ ଅନୁଷ୍ଠିତ ଅନ୍ତର୍ବନଯାଗରେ ଶ୍ରୀମନ୍ଦିରର କୋଇଲିବୈକୁଣ୍ଠରେ ଯଜ୍ଞ କରାଯାଇ ନୂତନ ଦାରୁରେ ଶ୍ରୀବିଗ୍ରହ ନିର୍ମାଣ ହୋଇଥାଏ । ସେହି ସମୟରେ ପତିମହାପାତ୍ର ସେବକ ଦକ୍ଷିଣିଘରୁ ଶ୍ରୀଲକ୍ଷ୍ମୀନୃସିଂହଙ୍କୁ ଆଣି ଏକ ସ୍ୱତନ୍ତ୍ର ଖଟୁଲି ଉପରେ ବିଜେ କରାଇଥାଆନ୍ତି । ଏହି ବିଜେ ପ୍ରତିମା ନବକଳେବର ସମୟରେ କେବଳ ଥରେ ମାତ୍ର କୋଇଲି ବୈକୁଣ୍ଠକୁ ବିଜେ କରିଥାଆନ୍ତି । ପତିମହାପାତ୍ର ସେବକ ଏହି ସମୟରେ ଶ୍ରୀଲକ୍ଷ୍ମୀନୃସିଂହଦେବଙ୍କର ପୂଜାର୍ଚ୍ଚନା କରିଥାଆନ୍ତି । କୋଇଲିବୈକୁଣ୍ଠଠାରେ ଏଗାର ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ଯଜ୍ଞାନୁଷ୍ଠାନ ଓ ନ୍ୟାସଦାରୁ ପ୍ରତିଷ୍ଠା କର୍ମରେ ଶ୍ରୀଲକ୍ଷ୍ମୀନୃସିଂହ ସେଠାରେ ଅବସ୍ଥାନ କରିଥାଆନ୍ତି । ଏହି ସମୟରେ ଶ୍ରୀନୃସିଂହଦେବଙ୍କ ଉଦ୍ଦେଶ୍ୟରେ ପାତାଳନୃସିଂହମନ୍ତ୍ର ଓ ମନ୍ତ୍ରରାଜ ନୃସିଂହ ମନ୍ତ୍ରର ପ୍ରୟୋଗ କରାଯାଇଥାଏ । ଶ୍ରୋତୀୟ ବ୍ରାହ୍ମଣ, ପଣ୍ଡିତ ଓ ଆଚାର୍ଯ୍ୟଗଣ ଏହି ଅବସରରେ ଶ୍ରୀନୃସିଂହ ମନ୍ତ୍ର ଜପ, ଆହୁତି ଓ ଶ୍ରୀନୃସିଂହ ଗାୟତ୍ରୀ ପ୍ରଭୃତି ପାଠ କରିଥାଆନ୍ତି । ନବକଳେବର ବିଧିରେ ଶ୍ରୀଲକ୍ଷ୍ମୀନୃସିଂହଦେବ ପ୍ରମୁଖ ଦେବତା ଭାବରେ ଉପାସିତ ହୋଇଥାଆନ୍ତି । ନବକଳେବର କାଳରେ ଅନ୍ତର୍ବନଯାଗ ବିଧିରେ ମୁଖ୍ୟ ଭୂମିକା ନିର୍ବାହ କରି ଶ୍ରୀନୃସିଂହଦେବ ପୁନଶ୍ଚ ଦକ୍ଷିଣିଘରକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି ।

**ଶ୍ରୀବାଡ଼ିନୃସିଂହ :** ଦକ୍ଷିଣି ଘରେ ବିରାଜମାନ କରିଥିବା ବିଜେ ପ୍ରତିମା ଶ୍ରୀବାଡ଼ିନୃସିଂହଙ୍କର ଉଚ୍ଚତା ପ୍ରାୟ ବାର ଇଞ୍ଚ । ଏହି ବିଜେ ପ୍ରତିମା ଅଷ୍ଟଧାତୁରେ ନିର୍ମିତ ଓ ଚତୁର୍ଭୁଜ ବିଶିଷ୍ଟ । ସେ ସୁଖାସନ ମୁଦ୍ରାରେ ଉପବେଶନ କରିଅଛନ୍ତି । ସେ ଉର୍ଦ୍ଧ୍ୱ ହସ୍ତଦ୍ୱୟରେ ଶଙ୍ଖ ଓ ଚକ୍ର ଧାରଣ କରିଥିବା ବେଳେ ତାଙ୍କର ନିମନ୍ନ ହସ୍ତଦ୍ୱୟ ବରଦ ମୁଦ୍ରାରେ ସୁଶୋଭିତ । ଏହି ବିଜେ ପ୍ରତିମା ବାଡ଼ିନୃସିଂହ ଓ ପଣ୍ଡୁନୃସିଂହ ନାମରେ ଖ୍ୟାତ । ବିଜେ ପ୍ରତିମା ବାଡ଼ିନୃସିଂହଦେବ ଶ୍ରାବଣ ଶୁକ୍ଳ ନବମୀ ଓ ଚୈତ୍ର ଶୁକ୍ଳ ଚତୁର୍ଥୀ ତିଥିରେ ବିଜେ କରିଥାଆନ୍ତି । ଏହି ଦିନ ମଧ୍ୟାହ୍ନ ଧୂପ ସରିବା ପରେ ଦକ୍ଷିଣିଘରୁ ଶ୍ରୀନୃସିଂହଦେବ ରତ୍ନସିଂହାସନକୁ ବିଜେ କରନ୍ତି । ପୂଜାପଣ୍ଡା ଆଜ୍ଞାମାଳ ଦେବାପରେ ମହାଜନ ସେବକମାନେ ବିଜେପ୍ରତିମାଙ୍କୁ ଆଣି ମୁକ୍ତିମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥାଆନ୍ତି । ଏହାପରେ ବିମାନବଡୁ ସେବକମାନେ ବିମାନ ଯୋଗେ ଶ୍ରୀନୃସିଂହଦେବଙ୍କୁ ସିଂହଦ୍ୱାର ଦେଇ ମାର୍କଣ୍ଡ, ଅଙ୍ଗିରା, କଣ୍ଡୁ ଓ ଭୃଗୁ ଆଶ୍ରମକୁ ବିଜେ କରାଇଥାଆନ୍ତି । ଉପର୍ଯ୍ୟୁକ୍ତ ଚାରିଗୋଟି ଆଶ୍ରମରେ ପୂଜାପଣ୍ଡା ସେବକଙ୍କ ଦ୍ୱାରା ବିଜେପ୍ରତିମାଙ୍କ ନିକଟରେ ଶୀତଳଭୋଗ ଅନୁଷ୍ଠିତ ହୋଇଥାଏ । ଏହି ଦିନ ଶ୍ରୀନୃସିଂହଦେବଙ୍କ ବିଜେ ସମୟରେ ବିଭିନ୍ନ ମଠ, ଯାଗା, ଆଖେଡ଼ା ଓ ବ୍ୟକ୍ତିବିଶେଷଙ୍କ ତରଫରୁ ପନ୍ତୀଭୋଗ କରାଯାଇଥାଏ । ପରିଶେଷରେ ବିଜେପ୍ରତିମା ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ଦକ୍ଷିଣି ଘରେ ଅବସ୍ଥାନ କରିଥାଆନ୍ତି । ସେହିପରି ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ପଣ୍ଡୁନୃସିଂହଙ୍କର ଚାରି ଆଶ୍ରମ ବିଜେ ନୀତି ପାଳିତ ହୋଇଥାଏ । ଏହିଦିନ ମହାପ୍ରଭୁଙ୍କର ସକାଳଧୂପ ଶେଷ ହେବା ପରେ ପାଳିଆ ପୁଷ୍ପାଳକମାନେ ରତ୍ନସିଂହାସନକୁ ଯାଇ ଠାକୁରମାନଙ୍କର ମଇଲମ ଓ ବେଶ ସମ୍ପାଦନ କରିଥାଆନ୍ତି । ଏହି ସମୟରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଖଣ୍ଡିଏ ଅଧିକ ମାଳ ଆଜ୍ଞାମାଳ ନିମନ୍ତେ ଲାଗି କରାଯାଇଥାଏ । ମହାପ୍ରଭୁଙ୍କର ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଦକ୍ଷିଣି ଘର ଭୋଗ ସରିଲେ ମହାଜନ ସେବକମାନେ ଦକ୍ଷିଣି ଘରୁ ବିଜେ ପ୍ରତିମା ଶ୍ରୀପଣ୍ଡୁନୃସିଂହଦେବଙ୍କୁ ଭିତର ସିଂହାସନକୁ ବିଜେ କରାନ୍ତି । ପୂଜାପଣ୍ଡା ସେବକ ବିଜେପ୍ରତିମାଙ୍କୁ ଆଜ୍ଞାମାଳ ପ୍ରଦାନ କରନ୍ତି । ଏହାପରେ ମହାଜନ ସେବକମାନେ ଶ୍ରୀନୃସିଂହଙ୍କୁ ହାତରେ ନେଇ ଝୁଲଣମଣ୍ଡପ ତଳେ ଥିବା ବିମାନରେ ବିଜେ କରାନ୍ତି । ସେଠାରେ ରୁନ୍ଧା ବଢ଼ିବା ପରେ ବିମାନବଡୁ ସେବକମାନେ ବିମାନକୁ କାନ୍ଧେଇ ସିଂହଦ୍ୱାରବାଟେ ବିଜେକରି ଶ୍ରୀକ୍ଷେତ୍ରର ପ୍ରାଚୀନ ଚାରି ଆଶ୍ରମ ଯଥା- ଅଙ୍ଗିରା, ଭୃଗୁ, କଣ୍ଡୁ ଓ ମାର୍କଣ୍ଡଙ୍କ ଆଶ୍ରମକୁ ଯାଇଥାଆନ୍ତି । ସେଠାରେ ଶୀତଳଭୋଗ, ବନ୍ଦାପନା ପ୍ରଭୃତି ନୀତି ଅନୁଷ୍ଠିତ ହେବା ପରେ ବିଜେ ପ୍ରତିମା ଶ୍ରୀପଣ୍ଡୁନୃସିଂହ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାଆନ୍ତି । ଶ୍ରୀମନ୍ଦିରରେ ପହଞ୍ଚିବା ପରେ ବିମାନରେ ରୁନ୍ଧା ଖୋଲାଯାଇ ବିଜେ ପ୍ରତିମା ଶ୍ରୀପଣ୍ଡୁନୃସିଂହଙ୍କୁ ଦକ୍ଷିଣି ଘରକୁ ନିଆଯାଇଥାଏ ।

(କ୍ରମଶଃ...)

*ଡକ୍ଟର ନରେଶ ଚନ୍ଦ୍ର ଦାଶ*
*●ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ 'ଟୋପର' କହିଲେକ'ଣ ବୁଝାଯାଏ ?
ଉ - ଚୂଳିଆ ଟୋପି, ପରଦା, ଶ୍ରୀମନ୍ଦିରରେ ମାର୍ଗଶିର ଶୁକ୍ଳ ଷଷ୍ଠୀ ଠାରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ଘୋଡ଼ ଲାଗି ସମୟରେ ଟୋପର ମଧ ଲାଗି କରାଯାଏ ।

(ଠ)

୨. ପ୍ର - ଶ୍ରୀମନ୍ଦିରରେ 'ଠିଆକରା' କହିଲେ କ'ଣ ବୁଝାଯାଏ ?
ଉ - ଶ୍ରୀମନ୍ଦିରର ଛୋଟ ଛୋଟ ପ୍ରତିମାକୁ ଠିଆ କରାଇ ଶ୍ରୀଅଙ୍ଗ ସ୍ନାନାଦି କାର୍ଯ୍ୟ ଓ ଶ୍ରୀଅଙ୍ଗ ଭୂଷଣ କରାଇବା ।

୩. ପ୍ର - ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ 'ଠିଆ ପହଡ଼' କହିଲେ କ'ଣ ବୁଝାଯାଏ?
ଉ - ଶ୍ରୀମନ୍ଦିରରେ ନୀତି ବିଳମ୍ବ କାରଣରୁ ପହଡ଼ ହୋଇ ନ ପାରି ଠିଆ ଠିଆ ଠାକୁରଙ୍କର ବିନିଦ୍ର ରଜନୀ ବିତାଇବା ।

(ଡ)

୪. ପ୍ର- ଶ୍ରୀମନ୍ଦିରରେ 'ଡଗରା'ଙ୍କ କାର୍ଯ୍ୟ କ'ଣ ?
ଉ- ଶ୍ରୀମନ୍ଦିରର ମୁଦୁଲି ସେବକଙ୍କ ମଧ୍ୟରୁ ଏକ ଗୋଷ୍ଠୀ । ମଣିମା ଡାକ ପରେ ପହୁଡ଼ ସମୟରେ ପାଳିଆ ମେକାପ ବଇଠା ଓହ୍ଲାଇବା ପରେ ମୁଦୁଲି କଳାହାଟ ଦ୍ୱାର ଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଶୋଧକରି କଳାହାଟ ଦ୍ୱାର ବନ୍ଦ କରି ମୁଦ୍ରା ଛାପ ଦିଏ । ତଳିଚ୍ଛ ମୁଦ ଦିଅନ୍ତି । ବାହାର (ଦକ୍ଷିଣ ଦ୍ୱାର) ବନ୍ଦ କରେ । ତହିଁ ଆରଦିନ ଅବକାଶ ପରେ ବାସି ପାଳିଆ ଠାରୁ ସଜ ପାଳିଆ ଚାବି ନିଏ । ଗୁଣ୍ଡିଚା ଘରେ ଏହିପରି ସେବା କରେ । ଠାକୁର ବିଜେ କଲେ ଗୁଣ୍ଡିଚା ଘର ଚାବି ମୁଦୁଲି ଜିମାରେ ରହେ । ଦୁଆର ଖୋଲିଲେ ପୁଷ୍ପାଳକ ଲକ୍ଷ୍ମୀ ସରସ୍ୱତୀଙ୍କୁ ପୂଜା କରନ୍ତି । ଦଇତାମାନଙ୍କୁ ଡାକିଥାଆନ୍ତି ।

୫. ପ୍ର- ଶ୍ରୀମନ୍ଦିରରେ 'ଡମ୍ଫୁରୁ' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ- ଏହା ହେଉଛି ଡମ୍ବରୁ ଆକୃତିର ବେତ ତିଆରି ଏକ ଆସନ । ଶ୍ରୀମନ୍ଦିରରେ ବଡ଼ସିଂହାର ଧୂପ ପରେ ଖଟଶେଯ ମେକାପ ଜୟବିଜୟ ଦ୍ୱାରରେ ଡମ୍ବରୁ ପକାଏ । ଶୟନ ଠାକୁର ଡମ୍ବରୁ ଉପରେ ବିଜେ ହୁଅନ୍ତି । ମଣୋହି ପରେ ଆଳତି ହୋଇ ପୁଷ୍ପାଞ୍ଜଳି ପରେ ଶ୍ରୀଜଗନ୍ନାଥ ପଲଙ୍କରେ ଶୟନ କରନ୍ତି ।

୬. ପ୍ର- ଶ୍ରୀମନ୍ଦିରରେ 'ଡାକୁଆ' ଶବ୍ଦର ଅର୍ଥ କ'ଣ ?
ଉ- ପାଇକଙ୍କ ଅଧୀନରେ ଥାଇ ସେବକଙ୍କୁ ଡାକି ହାଜର କରାଉଥିବା ବ୍ୟକ୍ତି । ଦଣ୍ଡୁ ଆସି ବା ଚଉକିଆ ଆହ୍ୱାନ ବାହକ ବ୍ୟକ୍ତି ।

*●ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାନ ବ୍ୟବସ୍ଥା

## (କ) ଦାନ ଯୋଜନା (Donation Schemes)

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନକୁ ଜଣେ ଦାତା ନିମ୍ନ ଦାନ ଯୋଜନାଗୁଡ଼ିକ ମଧ୍ୟରେ ଦାନ କରିପାରିବେ ।

### ୧. ସାଧାରଣ ଦାନ ଯୋଜନା (General Donation)

ଏହି ଯୋଜନାରେ ଜଣେ ଦାତା ଯେକୌଣସି ପରିମାଣର ଦାନ କରିପାରିବେ ।

### ୨. କର୍ପସ ଫଣ୍ଡ୍ ଦାନ ଯୋଜନା (Corpus Fund Donation Scheme)

ଏହି ଯୋଜନାରେ ଜଣେ ଦାତା ସର୍ବନିମ୍ନ ୧ ଲକ୍ଷ ଟଙ୍କାରୁ ଅଧିକ ଦାନ କରିପାରିବ ।

ଶ୍ରୀମନ୍ଦିର ପରିଚାଳନା ସମିତି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ରାଜ୍ୟ ସରକାରଙ୍କ ଅନୁମତିରେ ଚାଲିଛି । ଏହି ଯୋଜନାରେ ଦାତାଙ୍କୁ ଧ୍ୱଜା ବନ୍ଧନ, ଦୀପ, ମହାପ୍ରସାଦ ଭଳି କେତେକ ସ୍ୱତନ୍ତ୍ର ସୁବିଧା ସହିତ ଭକ୍ତ ନିବାସ ରହଣୀରେ ସୁବିଧା ମିଳିଥାଏ ।

### ୩. ମନ୍ଦିରର ମରାମତି କିମ୍ବା ନବୀକରଣ ସମ୍ପର୍କିତ ଦାନ (Donation for Repair or Renovation)

ଏହି ଯୋଜନାରେ ସର୍ବନିମ୍ନ ୫୦୦ ଟଙ୍କାରୁ ଅଧିକ ଦାନ କରିହେବ ।

କେବଳ ଏହି ଯୋଜନାରେ ଦାତାଙ୍କୁ ଆୟକର ନିୟମ ୧୯୬୧ର ଧାରା ୮୦-ଏ ଅନୁସାରେ ସୁବିଧା ମିଳିଥାଏ ।

## (ଖ) କେମିତି କରିହେବ ଦାନ (How to Donate)

ନିମ୍ନଲିଖିତ ଉପାୟରେ ଦାନ ଗ୍ରହଣ କରାଯାଉଛି । ସେଗୁଡ଼ିକ ହେଲା-

**୧. ଅନଲାଇନ୍ ଡୋନେସନ୍ (Online Donation)**

ଶ୍ରୀମନ୍ଦିର ପ୍ରଶାସନର ୱେବସାଇଟ୍ (www.shreejagannatha.in) ଜରିଆରେ ଦାନ କରିହେବ ।

୨. ସେହିପରି ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟସ୍ଥିତ ଦାନ ପ୍ରକୋଷ୍ଠ, ଶ୍ରୀମନ୍ଦିର ପରିସରରେ ଥିବା ଶାଖା କାର୍ଯ୍ୟାଳୟ, ସିଂହଦ୍ୱାର ସ୍ଥିତ ସୂଚନା କେନ୍ଦ୍ର, ଶ୍ରୀଗୁଣ୍ଡିଚା ମନ୍ଦିର ସୂଚନା କେନ୍ଦ୍ର, ପୁରୀ ରେଲଷ୍ଟେସନ୍ ସୂଚନା କେନ୍ଦ୍ର ଏବଂ ଭୁବନେଶ୍ୱର ଜୟଦେବ ଭବନ ପରିସରସ୍ଥିତ ସୂଚନା କେନ୍ଦ୍ରରେ ମଧ୍ୟ ଦାନ ଗ୍ରହଣ କରାଯାଉଛି ।

୩. ଏହା ସହିତ ଦାତାମାନେ ଡିଡି (DD) / ଚେକ୍ (Cheque)/ମନିଅର୍ଡ଼ର (Money Order) ମାଧ୍ୟମରେ ବି ଦାନ ପଠାଇପାରିବେ ।

(In Favour of Administrator, SJTA, Puri.)

### ଠିକଣା ହେଲା

ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, କାର୍ଯ୍ୟାଳୟ, ପୁରୀ, ପିନ୍-୭୫୨୦୦୧

(ଗ) ଅଧିକ ସୂଚନା ପାଇଁ ଯୋଗାଯୋଗ କରିପାରିବେ -

୧. ଦାନ ପ୍ରକୋଷ୍ଠ, ଶ୍ରୀମନ୍ଦିର କାର୍ଯ୍ୟାଳୟ- (୦୬୭୫୨-୨୫୨୬୦୧)

୨. ସେହିପରି ଶ୍ରୀମନ୍ଦିର ପ୍ରଶାସନର ଇ-ମେଲ୍ ଜରିଆରେ ମଧ୍ୟ ସୂଚନା ପାଇହେବ । (jagannath.or@nic.in) ।

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

*Printed & Published by Shree Jagannatha Temple Administration, Puri, Ph. : 06752-222002, Fax - 252100*

*E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri, Mob- 9437022145*

*@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri ମୂଲ୍ୟ : ଦୁଇଟଙ୍କା ମାତ୍ର*